**ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ**

**ଆଞ୍ଚଳିକ ଗବେଷଣା ଓ ବୈଷୟିକ ସଂପ୍ରସାରଣ ଉପକେନ୍ଦ୍ର, ସୁନ୍ଦରଗଡ**

**ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ସୁନ୍ଦରଗଡ**

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୫୧, ବୁଲେଟିନ ନମ୍ବର- ୧୦୨, ତାରିଖ : ୨୨/୧୨/୨୦୨୩ , ଶୁକ୍ର ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୨୩.୧୨.୨୦୨୩ –୨୭.୧୨.୨୦୨୩ ,ଶନି ବାର - ବୁଧ ବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ବର୍ଷା ହେବାର ସମ୍ଭାବନା ରହିନାହିଁ । ସର୍ବାଧିକ ତାପମାତ୍ରା (୨୭ -୨୮ $^0$C) ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୧୦ -୧୨ $^0$C ) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା(୬୦–୬୯%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୨୯–୩୬%) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶ୍ୱର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ସୁନ୍ଦରଗଡ | ୨୩-୧୨-୨୦୨୩ | ୦ | ୨୭ | ୧୦ | ୨ | ୬୦ | ୨୯ | ୪ | ୭୫ |
| | ୨୪-୧୨-୨୦୨୩ | ୦ | ୨୭ | ୧୨ | ୨ | ୬୯ | ୩୬ | ୪ | ୭୨ |
| | ୨୫-୧୨-୨୦୨୩ | ୦ | ୨୭ | ୧୨ | ୦ | ୬୮ | ୩୩ | ୪ | ୭୧ |
| | ୨୬-୧୨-୨୦୨୩ | ୦ | ୨୮ | ୧୨ | ୦ | ୬୮ | ୩୩ | ୪ | ୭୦ |
| | ୨୭-୧୨-୨୦୨୩ | ୦ | ୨୮ | ୧୨ | ୧ | ୬୩ | ୩୨ | ୬ | ୮୧ |

**କୃଷି ପାଣିପାଗ ଉପଦେଶ**

**ସାଧାରଣ ପରାମର୍ଶ :** ସର୍ବନିମ୍ନ ତାପମାତ୍ରା ହ୍ରାସ ହେବାର ପୂର୍ବାନୁମାନ ହେତୁ ନର୍ସରୀ ବିହନର ଯତ୍ନ ନିଅନ୍ତୁ | ପଶୁ ସମ୍ପଦର ଯତ୍ନ ମଧ୍ୟ ମୁଖ୍ୟତଃ ଶୀତଳ ଛାୟା ଘର ପରିଚାଳନା ଏବଂ ରାତିରେ ବିଶେଷ ଭାବରେ ଶେଢ୍ଗୁଡ଼ିକୁ ଘୋଡାଇ ରଖନ୍ତୁ |

ଡାଲୁଅ ଧାନ ପ୍ରତି ୩ ବର୍ଷରେ ବିହନ ବଦଳାନ୍ତୁ | ବିହନ ଗଜା ପରୀକ୍ଷା କରି ବୁନନ୍ତୁ|

**ଡାଲୁଅଧାନ :**

ଡାଲୁଅ ଧାନର ଉନ୍ନତ ଓ ସହଜ କିସମ ମଧ୍ୟରେ ରହିଛି ପାରିଜାତ ଖଣ୍ଡଗିରି ଯୋଗେଶ ସିଦ୍ଧାନ୍ତ ମନ୍ଦାକିନୀ ପଥରା ଓ ଜ୍ୟୋତିର୍ମୟୀ ଅନ୍ୟତମ ଅଟେ ମଧ୍ୟମ କିସମଗୁଡିକ ହେଲା ଲଲାଟ ତପସ୍ୱିନୀ ମନସ୍ୱିନୀ ନବୀନ ଏସଟିୟୁ -୧୦୦୦

ଏହିମାସ ଶେଷସୁଦ୍ଧା ଡାଲୁଅଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ ତଳି ପକାଇବାପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ

**ଗହମ :**

କିଆରୀରେ ଉଈ ଜନିତ ଝାଉଁଳା ଗଛ ଦେଖାଦେଲେ ବାରମ୍ବାର ଜଳସେଚନ କରନ୍ତୁ ଏବୌଁ ଆକ୍ରାନ୍ତ ସ୍ଥାନଗୁଡିକରେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ ଗୋଳାଇ ମାଟିକୁ ଭଲଭାବରେ ଭିଜାଇ ଦିଅନ୍ତୁ

କାଣ୍ଡବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଏକର ପ୍ରତି ୪୦୦ ମିଲି ଟ୍ରାଏଜୋଫସ କିମ୍ବା ପ୍ରୋଫେନୋଫସ ୨୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ

ଫସଲ ୨୫ ଦିନର ହୋଇଗଲେ ଘାସ ବାଛନ୍ତୁ କିମ୍ବା ଘାସର ଦମନ ପାଇଁ ହେକ୍ଟର ପ୍ରତି ୧ କିଗ୍ରା ୨-୪-ଡି –ସୋଡିୟମ ତୃଣନାଶକ ଔଷଧ ସିଞ୍ଚନ କରନ୍ତୁ

**ବିଲାତି ବାଇଗଣ :** ଭଲ କିସମ ହେଉଛି ସ୍ୱର୍ଣ୍ଣ ସମ୍ପଦ, ଅର୍କ ରକ୍ଷକ, ଅର୍କ ସମ୍ରାଟ। ଉନ୍ନତମାନର ଚାରାକୁ 60 ସେଣ୍ଟିମିଟର ଓ 45 ସେଣ୍ଟିମିଟର ଉଚ୍ଚତାରେ ରୋପଣ କରନ୍ତୁ। କ୍ଷେତ ପ୍ରସ୍ତୁତି ସମୟରେ ନିମ୍ବ ପିଠା 1 ଟନ୍/ଏସି ଏବଂ ଏଫ୍.ଏମ୍/ଏସି ର 4 ଟନ୍ ପ୍ରୟୋଗ କରନ୍ତୁ।

**ସୋରିଷ :**

ସୋରିଷରେ ପତ୍ରଚିତା ଦାଗ ଦେଖାଦେବା ସମୟରେ,ଏଥିପାଇଁ ଏକର ପ୍ରତି ୦୧ କି.ଗ୍ରା. ହିସାବରେ କପର ଅକ୍ସିକ୍ଲୋରାଇଡ ବା ୮୦୦ ଗ୍ରାମ ମାଙ୍କୋଜେବ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

ଫସଲ ପାଉଁଶିଆ ରୋଗଦ୍ୱାରା ଆକ୍ରାନ୍ତ ହୋଇଥିଲେ ଏହାର ଦମନ ପାଇଁ ଏକର ପ୍ରତି ୦୧ କି.ଗ୍ରା. ସଲଫର ସେଚିତ ଗୁଣ୍ଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସବୁଜ ଶୂକ,କରତିଆ ମାଛି ଲାଗିଥିଲେ ପ୍ରତି ଲିଟର ପାଣିରେ ୦୨ ମି.ଲି. ହିସାବରେ ଏଣ୍ଡୋସାଲ୍ଫାନ କିମ୍ବା ୨.୫ ମି.ଲି. ହିସାବ ରେ ଫୋସାଲୋନ ସିଞ୍ଚନ କରନ୍ତୁ ।

**ଗୋଲାପ :-** ଗୋଲାପ ଗଛକୁ କାଣ୍ଟଛାଣ୍ଟ କରି ଅଳ୍ପ କେତେକ ସୁସ୍ଥସବଳ ଡାଳ ରଖିଲେ ତାହା ବଡ ତଥା ଉଚ୍ଚମାନର ଫୁଲ ପ୍ରଦାନ କରିଥାଏ। କାଣ୍ଟଛାଣ୍ଟ କରିବାର ୦୭ ରୁ ୧୦ ଦିନ ପରେ ବୁଦା ପ୍ରତି ୧୦୦ ଗ୍ରାମ ହିସାବରେ ହାଡ ଗୁଣ୍ଡ ଆମୋଫସ (୦୨ କି.ଗ୍ରା.) ଏସ.ଏସ.ପି. (୦୨ କି.ଗ୍ରା. ) ପଟାସିୟମ ସଲ୍ଫେଟ (୦୧ କି.ଗ୍ରା.) ମିଶ୍ରଣ ପ୍ରୟୋଗ କରନ୍ତୁ ଯାହା ଫଳରେକି ଉନ୍ନତ ଧରଣର ଫୁଲ ଫୁଟିପାରିବ ।

**ଆଳୁ :**ଆଳୁ ଫସଲ ୨-୩ ସପ୍ତାହ ର ହୋଇଯାଇଥିଲେ ପ୍ରଥମ କୋଡାଖୁସା କରି ହୁଡା ଟେକିଦିଅନ୍ତୁ ।

ଏହି ସମୟରେ ୫୦ କିଗ୍ରା ଯବକ୍ଷାରଜାନ ୬୦ କିଗ୍ରା ପଟାସ ଆଳୁ ଗଛରେ ଧାଡିରେ ଦୁଇପାଖରେ ୭-୧୦ ସେମି ଦୂରତାରେ ୨-୩ ସେମି ଗଭୀରରେ ପ୍ରୟୋଗ କରନ୍ତୁ ।

ଆଳୁ ଫସଲରେ ସଅଳ ପତ୍ରପୋଡା  ରୋଗରୁ ରକ୍ଷା ପାଇବାପାଇଁ ହେକ୍ଟର ପ୍ରତି ୧.୫ କିଗ୍ରା ମାଙ୍କଜେବ କୁ ୫୦୦ ଲିଟର ପାଣିରେ ମିଶାଇ ଆଳୁ ଗଛରେ ଭଲଭାବରେ ସିଞ୍ଚନ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ ବା ୧୫୦୦ ମିଲି ଟ୍ରିବୁଲିନ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**କୁକୁଡ଼ା ପାଳନ :**ଅଧିକ ଅଣ୍ଡା ଓ ମାଂସ ପାଇଁ ଗାଁ ଗହଳିର ବାଡିବାଗିଚାରେ ବନରାଜା ,ଗ୍ରାମପ୍ରିୟ ଓ ପଲ୍ଲୀରଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ ।

**ମାଛ ଚାଷ :** ପୋଖରୀ ଭିତରକୁ ଗେଣ୍ଡା ଚଢେଇ ଓ କପୋତମାନର ପ୍ରବେଶକୁ ରୋକାଯିବା ଉଚିତ ଏହାଦ୍ବାରା ପରଜୀବୀମାନଙ୍କ ଜୀବନଚକ୍ରକୁ ଭଙ୍ଗାଯାଇ ପାରିବ

ମାଛ  ପୋଖରୀରେ ଯାଆଁଳମାନଙ୍କ ର ସ୍ବତନ୍ତ୍ର ଯତ୍ନ ନେବା ଆବଶ୍ୟକ

ପୋଖରୀରୁ ପରଜୀବୀମାନଙ୍କ ର ସଂକ୍ରମଣ ଯୋଗ୍ୟ ଅବସ୍ଥାକୁ ସମ୍ପୂର୍ଣ ମାରି ଦେଲେ ରୋଗ ହେବା ଆଶଙ୍କା କମିଯାଏ

**ବାଇଗଣ :**

ବାଇଗଣ ରେ କାଣ୍ଡ ଓ ଫଳବିନ୍ଧା ପୋକର ଦମନ ପାଇଁ ସମନ୍ବିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ ପି ପି ଏମ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ କିମ୍ବା ପ୍ରତି ଲିଟର ପାଣିରେ ୫ ଗ୍ରାମ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ ।

**ଲଙ୍କାମରିଚ :**

ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଦେଲେ ଏହାର ଦମନ ପାଇଁ  ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ ୧.୯% କିମ୍ବା ୧.୫ ରୁ ୨ ମିଲି ଇଥିୟନ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ପ୍ରାଣୀ :**

ଶୀତଦିନରେ ଗାଈମାନଙ୍କ ଠାରେ ଭୂତାଣୁ ଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ ।

ସେଥିପାଇଁ ଉକ୍ତ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକ ଙ୍କ ସହିତ ପରାମର୍ଶ କରି ଟୀକା ଦିଅାନ୍ତୁ ।

ଗାଈ ଛେଳି ମେଣ୍ଢା କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇପାରିବେ ।

ଛେଳି ଥିବା ଘରେ ତଳେ ଭାଡି ବା ବାଉଁଶ ଚାଞ୍ଚଡାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ  ।

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ଡିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍।ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google. com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି  ଶାଖା  ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉେଅଛି |**

*ନୋଡାଲ ଅଫିସର, କିରେଇ*